# ଠାକୁର କୂଅ

***Thakur Ka Kuan, Munshi Premchand***
***Translated into Odia by Jhuni Mallick***

ଜୋଖୁ ଲୋଟା ମୁହଁ ପାଖକୁ ନେଲାକ୍ଷଣି ପାଣିରୁ ବହୁତ ଦୁର୍ଗନ୍ଧ ଆସୁଥିଲା | ସେ ଗଙ୍ଗୀକୁ କହିଲା, “ଏ କେମିତିଆ ପାଣି? ବହୁତ ଦୁର୍ଗନ୍ଧ ହେଉଛି, ପିଇପାରିବି ନାହିଁ! ମୋ ତଣ୍ଟି ଶୁଖିଯାଉଛି ଆଉ ତୁ ମତେ ଖରାପ ପାଣି ଆଣି ଦେଉଛୁ |”

ଗଙ୍ଗୀ ପ୍ରତିସନ୍ଧ୍ୟାରେ ମାଠିଆରେ ପାଣି ଭର୍ତ୍ତି କରିଥାଏ| କୂଅଟି ବହୁତ ଦୂରରେ ଥିଲା; ଏବଂ ତାକୁ ବାରମ୍ବାର ଯିବା ପାଇଁ କଷ୍ଟ ହେଉଥିଲା | ସେ ଗତକାଲି ପାଣି ଆଣିଥିଲା, ସେଥିରେ ବିଲକୁଲ୍ ଦୁର୍ଗନ୍ଧ ନଥିଲା; କିନ୍ତୁ ଆଜି ପାଣିରେ ଦୁର୍ଗନ୍ଧ କେମିତି ଆସୁଛି? ସେ ଲୋଟାକୁ ନାକ ପାଖରେ ଲଗେଇଲା, ତ ସତରେ ଦୁର୍ଗନ୍ଧ ଆସୁଥିଲା | ନିଶ୍ଚୟ କୌଣସି ପଶୁ କୂଅରେ ପଡ଼ି ମରିଯାଇଥିବ, କିନ୍ତୁ ସେ ଜାଣିପାରୁନଥିଲା ଭଲ ପାଣି ଆସିବ କେଉଁଠୁ?

ଠାକୁରଙ୍କ କୂଅ ଯାଏଁ ତାକୁ କେହି ଛାଡ଼ିବେନି | ଦୂରରୁ ମଧ୍ୟ ଲୋକ ଚିଲ୍ଲେଇବେ | ଗାଁର ଶେଷମୁଣ୍ଡରେ ସାହୁର କୂଅ ଅଛି, କିନ୍ତୁ ସେଠାରେ ମଧ୍ୟ ପାଣି ଭର୍ତ୍ତିକରିବାକୁ ଦେବେନି | ଆଉ ତା’ପରି ଲୋକଙ୍କ ପାଖରେ କୌଣସି କୂଅ ନାହିଁ |

ଜୋଖୁର ଦେହ କିଛି ଦିନ ହେଲାଣି ଭଲ ନାହିଁ | କିଛି ସମୟ ପାଣି ନ ପିଇ ରହିଲା | ତାପରେ କହିଲା, ଏବେ ତ ଶୋଷରେ ରହି ହେଉନାହିଁ | ଆଣେ, କିଛି ପାଣି ନାକ ବନ୍ଦ କରି ପିଇଦିଏ |

ଗଙ୍ଗୀ ପାଣି ଦେଲାନାହିଁ | ଖରାପ ପାଣି ପିଇଲେ ତା’ର ରୋଗ ବଢ଼ିଯିବ ବୋଲି ସେ ଜାଣିଥିଲା | କିନ୍ତୁ ସେ ଜାଣି ନଥିଲା ଯେ ପାଣିକୁ ଫୁଟେଇ ଦେଲେ ପାଣି ପିଇ ହେବ | ସେ କହିଲା “ଏ ପାଣି କେମିତି ପିଇବୁ? କିଏ ଜାଣେ ଏଥିରେ କଣ ମରିପଡ଼ିଛି! ମୁଁ ଯାଉଛି କୂଅରୁ କିଛି ପାଣି ନେଇ ଆସିବି |”

ଜୋଖୁ ଆଶ୍ଚର୍ଯ୍ୟ ହୋଇ ତା ଆଡ଼କୁ ଦେଖିଲା – ପାଣି କେଉଁଠୁ ଆଣିବୁ?

“ଠାକୁର ଓ ସାହୁ ଦୁଇଜଣଙ୍କର ଦୁଇଟି କୂଅ ଅଛି | କ’ଣ ଗୋଟିଏ ଲୋଟା ପାଣି ଦେବେନି?”

“ହାତ-ଗୋଡ଼ ଭାଙ୍ଗିକି ଆସିବୁ ଆଉ କିଛି ହେବନି | ବସେ ଚୁପ୍ କି ଭଲ ହେବ | ବ୍ରାହ୍ମଣ-ଦେବତା ଅଭିଶାପ ଦେବେ, ଠାକୁର ବାଡ଼ିରେ ବାଡ଼େଇବେ, ଆଉ ସେ ଉଧାର ଦେଉଥିବା ସାହୁ ଗୋଟିଏକୁ ପାଞ୍ଚ କହିବ | ତୁ ଭାବୁଛୁ କି ଏପରି ଲୋକ ତତେ କୂଅରୁ ପାଣି ଦେବେ | ଗରିବର ଦୁଃଖ କିଏ ବୁଝୁଛି! ମରିଗଲେ ମଧ୍ୟ କେହି ଦୁଆରକୁ ଆସିବେନି, କାନ୍ଧେଇବା ତ ଦୂରର କଥା | ଏପରି ଲୋକ କୂଅରୁ ପାଣି ଭର୍ତ୍ତି କରିବାକୁ ଦେବେ?”

ଏହି କଥାରେ ନିରାଟ ସତ୍ୟ କଥା ଥିଲା | ଗଙ୍ଗୀ କ’ଣ କହିଥାନ୍ତା; କିନ୍ତୁ ସେ ଦୁର୍ଗନ୍ଧ ପାଣି ପିଇବାକୁ ଦେଲା ନାହିଁ |

ରାତି ନଅ’ଟା ବାଜିଥିଲା | ଥକି ଯାଇଥିବା ଶ୍ରମିକ ଶୋଇ ପଡ଼ିଥିଲେ;ଠାକୁରଙ୍କ କବାଟ ପାଖରେ ପାଞ୍ଚ-ଦଶ ଜଣ ବେପରୁଆମାନେ ଜମା ହୋଇଥିଲେ | ସାମ୍ନାକୁ ଆସି କହିବା ଲୋକଙ୍କର ତ ଏବେ ଜମାନା | କାନୁନୀ ବାହାଦୂରୀଙ୍କର କଥା ଚାଲିଥିଲା; କେତେ ଚତୁରତାର ସହିତ ଠାକୁର୍ ଥାନେଦାରକୁ ଗୋଟିଏ ବିଶେଷ ମକଦ୍ଦମାରେ ଲାଞ୍ଚ ଦେଇ ଖସିଗଲା | ବହୁତ ଚାଲାକିରେ ଜଣକର ମକଦ୍ଦମାର ନକଲ ନେଇ ଆସିଲା | ନାଜିର ଓ ମୋହତମିମ୍, ସମସ୍ତେ କହୁଥିଲେ, ନକଲ ମିଳିବ ନାହିଁ | କେହି କେହି ପଚାଶ ମାଗନ୍ତି; ତ କେହି ଶହେ | କାମ କରିବାର ବାହାନା ଦରକାର |

ଏହି ସମୟରେ ଗଙ୍ଗୀ କୂଅରୁ ପାଣି ଆଣିବାକୁ ପହଞ୍ଚିଲା |

ଲୋଟାର ଅଳ୍ପାଲୋକ କୂଅ ଉପରେ ପଡୁଥିଲା | ଗଙ୍ଗୀ କାନ୍ଥର ପଛପଟେ ଲୁଚି ବସିଲା ଏବଂ ଠିକ୍ ମଉକାର ଅପେକ୍ଷା କଲା | ସାରା ଗାଁ ଏହି କୂଅର ପାଣି ପିଉଛି | କାହାକୁ ବି ବାଧା ନାହିଁ; କେବଳ ମୋ ପରି ଅଭାଗା ପାଣି ଭର୍ତ୍ତି କରିପାରିବ ନାହିଁ |

ଗଙ୍ଗୀର ବିଦ୍ରୋହୀ ମନ ଏହି ପରମ୍ପରାଗତ ପ୍ରତିବନ୍ଧକ ଓ ବାଧା ଉପରେ ପ୍ରହାର କରିବାକୁ ଲାଗିଲା- ଆମେ କାହିଁକି ନୀଚ ଆଉ ଏମାନେ କାହିଁକି ଉଚ୍ଚ? ଏଥିପାଇଁ କି ଏମାନେ ଗଳାରେ ସୂତା ପିନ୍ଧିଛନ୍ତି | ଏଠାରେ ଯେତେଜଣ ଅଛନ୍ତି ସମସ୍ତେ ବଦମାସ, ଚୋରି କରନ୍ତି, ଜାଲ-କୌଶଳ କରନ୍ତି, ମିଛ ମକଦ୍ଦମା କରନ୍ତି | ତେବେ ସେମାନେ କିପରି ଉଚ୍ଚ ଏବଂ ମହାନ୍? ଏବେ ଠାକୁର ସେଦିନ ବିଚାରୀ ଗଡରିଏର ମେଣ୍ଢା ଚୋରେଇକି ନେଇଯାଇଥିଲା ଆଉ ପରେ ମାରିକି ଖାଇଗଲା |ଏହି ପଣ୍ଡିତମାନଙ୍କ ଘରେ ବାର ମାସ

ଜୁଆଖେଳ ଚାଲିଥାଏ|  ସାହୁ ତ ଘିଅରେ ତେଲ ମିଶେଇକି ବିକନ୍ତି | କାମ କରେଇ ନିଅନ୍ତି, ମଜୁରି ଦେବାକୁ ଜାଣିଶୁଣି ଦେଖେଇ ହୁଅନ୍ତି | କେଉଁଥିରେ ଏମାନେ ଉଚ୍ଚ? ହଁ, ମୁଁହରେ ଆମଠାରୁ ଉଚ୍ଚ | ଆମେ ଗଳି-ଗଳି ଯାଇ ଚିଲ୍ଲେଇକି କହୁନୁ କି ଆମେ ଉଚ୍ଚ! କେବେ ଗାଁକୁ ଆସିଗଲେ ଲୁହଭରା ଆଖିରେ ଦେଖେ | ଯେପରିକି ସବୁରି ଛାତିରେ ଈର୍ଷା, କିନ୍ତୁ ଗର୍ବ ଯେ ଆମେ ଉଚ୍ଚ |

ସେତେବେଳେ କୂଅ ପାଖରେ କାହାର ଆସିବାର ଶବ୍ଦ ଶୁଭିଲା | ଗଙ୍ଗୀର ଛାତି ଭୟରେ ଥରିଗଲା | କେହି ଦେଖିଦେଲେ କଥା ସରିଯିବ! ଗୋଟେ ବି ମାଡ଼ ତଳେ ପଡ଼ିବନି | ସେ ମାଠିଆ ଆଉ ଦଉଡ଼ି ଉଠେଇ ନଇଁ ନଇଁ ଯାଇ ଗୋଟିଏ ଗଛ ଛାଇରେ ଲୁଚିଗଲା |  ଆଉ ଏ ଲୋକଙ୍କୁ କେବେ ଦୟା ଆସେ କାହା ଉପରେ | ବିଚରା ମହଁଗୁକୁ ଏତେ ମାରିଛନ୍ତି ଯେ ପୂରା ମାସ ତା ମୁହଁରୁ ରକ୍ତ ବାହାରୁଥିଲା | କ'ଣ ପାଉଣା ଦେଇ ନଥିଲା ବୋଲି; ତା' ଉପରେ ଏ ଲୋକମାନେ ନିଜକୁ ଉଚ୍ଚ ଭାବୁଛନ୍ତି |

କୂଅକୁ ଦୁଇଜଣ ସ୍ତ୍ରୀଲୋକ ପାଣି ନେବାକୁ ଆସିଥିଲେ | ସେମାନେ ନିଜ ନିଜ ମଧ୍ୟରେ କଥା ହେଉଥିଲେ |

"ଖାଇବାକୁ ଗଲାବେଳେ ଆଦେଶ ଆସିଲା କି ତାଜା ପାଣି ଭର୍ତ୍ତି କରିକି ଆଣ | ମାଠିଆ ପାଇଁ ପଇସା ନାହିଁ !"

"ଆମମାନଙ୍କୁ ଆରାମରେ ବସିବା ଦେଖି ପୁରୁଷମାନେ ଯେମିତି ଈର୍ଷା କରୁଛନ୍ତି !"

ହଁ, ଏହା ତ ହେବନି କି ମାଠିଆ ଉଠେଇକି ଭର୍ତ୍ତି କରି ନେଇ ଆସିବ | ଖାଲି ହୁକୁମ୍ କରିଦେଲେ କି ତାଜା ପାଣି ଆଣ, ଯେମିତିକି ଆମେ ଏମିତି ସେମିତି ଝିଅ |

"ଏମିତି ସେମିତି ଝିଅ ନୁହେଁ ତ ଆଉ କ'ଣ ତୁମେ? ଖାଇବା ପିଇବା ପାଇନଥାନ୍ତୁ? ଦଶ-ପାଞ୍ଚ ଟଙ୍କା ଛଡେଇକି ନେଇଯାଉଛୁ | ଆଉ ଏମିତି ସେମିତି ଝିଅମାନେ କେମିତି ହୋଇଥାନ୍ତି |"

"ଲାଜ କରନି ଦିଦି ! ପୂରା ଦିନ ଆରାମ କରିବାକୁ ଭାବି ଭାବି ରହିଯାଉଛି | ଏତିକି କାମ ଅନ୍ୟ କାହା ଘରେ କରିଥାନ୍ତୁ, ତ ଏହାଠାରୁ ଅଧିକ ଆରାମରେ ରହିଥାନ୍ତୁ | ଆଉ ସେ ଉପକାର ବି ଭାବିଥାନ୍ତା

| ଏଠି କାମ କରି କରି ମରେ, କିନ୍ତୁ କାହାର ମୁଁହ ସିଧା ହେବନି |"

ଦୁଇଜଣ ପାଣି ଭର୍ତ୍ତି କରି ଚାଲିଗଲେ, ତା ପରେ ଯାଇ ଗଙ୍ଗୀ ଗଛ ଉହାଡ଼ରୁ ବାହାରିଲା ଓ କୂଅ ପାଖକୁ ଆସିଲା | ବେପରୁଆ ମାନେ ମଧ୍ଯ ଚାଲିଯାଇଥିଲେ | ଆଉ ଠାକୁର ମଧ୍ଯ କବାଟ ବନ୍ଦ କରି ଭିତର ଅଗଣାରେ ଶୋଇବାକୁ ଯାଉଥିଲେ | ଗଙ୍ଗୀ କ୍ଷଣକ ପାଇଁ ଶାନ୍ତିରେ ନିଶ୍ଵାସ ନେଲା | ଯାହା ହେଉ ଆଖପାଖ ଖାଲି ତ ହେଲା | କେବେ ଅମୃତ ଚୋରେଇବା ପାଇଁ ଯେଉଁ ରାଜକୁମାର ଯାଇଥିଲା, ସେ ବି ସମ୍ଭବତଃ ଏତେ ସାବଧାନତା ସହିତ ଯାଇ ନଥିବ | ଗଙ୍ଗୀ ପାଦକୁ ଚୁପି ଚୁପି କୂଅ ଉପରେ ଚଢ଼ିଲା | ସାହାସର ଏପରି ଅନୁଭବ ତାକୁ ଆଗରୁ କେବେ ବି ହୋଇ ନଥିଲା |

ସେ ଦଉଡ଼ିର ଫାନ୍ଦ ମାଠିଆରେ ବାନ୍ଧିଲା | ଡାହାଣ-ବାମ ହୁସିଆର୍ ହୋଇ ଦେଖିଲା, ଯେପରିକି କେଉଁ ସିପାହୀ ରାତିରେ ଶତ୍ରୁର ଗଡ଼ରେ ପଶିବାକୁ ଚେଷ୍ଟାକରୁଛି | ଯଦି ସେ ସମୟରେ ସେ ଧରାପଡ଼ିଯାଏ, ତେବେ ତା ପାଇଁ ଦୟା କି ଅନୁକମ୍ପାର ଟିକିଏ ବି ଆଶା ନାହିଁ| ଶେଷରେ ଭଗବାନଙ୍କୁ ମନେପକେଇ ସେ କଲିଜା ମଜବୁତ୍ କରି ମାଠିଆ କୂଅରେ ପକେଇଦେଲା |

ଧୀରେ ଧୀରେ ମାଠିଆରେ ପାଣି ଭର୍ତ୍ତି କଲା | କିଛି ବି ଶବ୍ଦ ହେଲାନି | ଗଙ୍ଗୀ ଦୁଇ-ଚାରି ଥର ଜଲଦି ପାଣି ଆଣିପାରେ | ମାଠିଆ କୂଅ ଉପରକୁ ଆସିଲା | ଜଣେ ବଡ଼ ପହିଲବାନ୍ ମଧ୍ଯ ଏତେ ଜୋରରେ ଟାଣି ପାରି ନଥାନ୍ତା |

ଗଙ୍ଗୀ ନଇଁକି କୂଅ ବନ୍ଧ ଉପରେ ମାଠିଆ ରଖିଲା ମାତ୍ରେ ହଠାତ୍ କି ଠାକୁର ସାହେବଙ୍କର କବାଟ ଖୋଲିଗଲା | ସିଂହର ମୁହଁ ମଧ୍ଯ ଏତେ ଭୟଙ୍କର ଦେଖାଯିବନି |

ଗଙ୍ଗୀ ହାତରୁ ଦଉଡ଼ି ଖସିଗଲା | ଦଉଡ଼ି ସହିତ ମାଠିଆ, ଶବ୍ଦ କରି ପାଣିରେ ପଡ଼ିଲା ଆଉ ବହୁତ ସମୟ ପାଣିରେ ଡବ୍ ଡବ୍ ଶବ୍ଦ କଲା |

ଠାକୁର “କିଏ, କିଏ?” ଡାକି କୂଅ ଆଡ଼କୁ ଆସୁଥିଲେ ଆଉ ଗଙ୍ଗୀ କୂଅ ଉପରୁ ଡେଇଁ କି ଦଉଡ଼ି କରି ଯାଉଥିଲା |

ଘରେ ପହଞ୍ଚି ଦେଖିଲା କି ଜୋଖୁ ଲୋଟା ମୁହଁରେ ଲଗାଇ ସେହି ମଇଳା-ଗନ୍ଧ ପାଣି ପିଇ ଚାଲିଥିଲା |